
ନଏଦକ୍ଷଏଁଣ
ସାକେତ ସ୍ରିଭୁସଣ ସାହୁ

# ନଏଦଖଏଁଣ

## ସାକେତ ସ୍ରି ଭୁସଣ ସାହୁ

ବେନି ପବ୍ଲିକେସନ୍ସ

**NAEDKHAEND**

( A  Kosli play )

by

Saket Sreebhushan Sahu

Cover: Saket Sreebhushan Sahu
Published by Beni Publications
First Edition : 2009
Second Edition:  2012

©Author

All rights reserved. No part of this publication may be reproduced, stored in a retrieval system, or transmitted, in any form or by any means, without the prior permission in writing of the author/publisher or as expressly permitted by law, or under terms agreed with the appropriate reprographics right organisation.

**ନଏଦଖଏଁଣ**

(କୋସଲି ନାଟ)

ସାକେତ ସ୍ରିଭୁସଣ ସାହୁ

ମଲାଟ - ସାକେତ ସ୍ରିଭୁସଣ ସାହୁ
ପ୍ରକାସକ:  ବେନି ପବ୍ଲିକେସନ୍ସ
ପହେଲା ସଂସ୍କରଣ: ୨୦୦୯
ଦୁସରା ସଂସ୍କରଣ: ୨୦୧୨

©ଲେଖକ

# ନାଟକକାର ନୁ ପଦେ...

ଅଠେଇସ ମେ ଦୁଇ ହଜାର । କେନ୍ତା କରି ଜେ ଡେଢ ଘଂଟା ଭିତ୍ରେ ଏନ୍ତା ନାଟ ଟେ ଲେଖଲିଁ, ମୁଇଁ ଏଜ ବି ଆସରିଜ ହେଇ ଜାଏସିଁ । ପରତେ ନେଇଁ ହୁଏ । ଲାଗସି କେନସି ଦୈବିସକ୍ତି ମୋର ହାତେ ଲେଖେଇ ବଲୁଥିଲା ।

ମୁନୁସ ହମିସା ନିଜକେ ନିଆରା ଢଂଗେ ପରସିବାରକେ ଚେସ୍ଟା କରସି । କଥାଟାକେ ନୁଆଁ ତରିକାରେ କହେବାରକେ ଚାହୁଁଥିସି । ମୋର ବି ହେଇ ଇଛା, ସମିଆଁ ସମିଆଁଥି ପରିଖ୍ୟା ନିରିଖ୍ୟା କରୁଥିତିଁ ।

ନଏଦଖଏଣ କଟକ କଲା ବିକାସ କେଂଦ୍ର ଆର ବଲାଂଗିର ଲ କଲେଜ ବାଗିର ମଚାନ ନ ଅଭିମଂଚିତ ହେଇଛେ ।

ଭିନେ ଭିନେ ମଚାନେ ଅଭିମଂଚନ ହେଲା ବେଲକେ ଜେନ କଲାକାର ମାନେ ସାମିଲ ହେଇଛନ ସେମାନକୁ ମୋର କୋଟି ଧନ୍ୟବାଦ । ଆଉ ଧନ୍ୟବାଦ ମଚାନମାନେ ସଜ କରିଥିବାର ଉଜୁକ କର୍ତାମାନକୁ ଆଉ ସେ ଦିନର ଦର୍ସକମାନକୁ ।

ଆସା ପାଠକ ମାନକୁ ପସନ ଆଏବା ।

ସାକେତ ସ୍ରିଭୁସଣ ସାହୁ

ଠାନ - ନଏଦଖଏଣ, ସମିଆଁ - ଭୁତଭୁତିଆ । ସୁଭୁଛେ ଝିଁକାରି ର ସବଦ । ହାତେ ବାଡ଼ି ଆର ଲାଲଟିନ ଟେ ଧରି ଗୁନଗୁନାତେଲ ଅଉଥିଲା ଡଂଗାବାଲା ହଠାତ ଡୁଡମେଇହେଇ ଅଟକିଗଲା ।

ଡଂଗାବାଲା - କିଏ ~~ଏ~~ ସୁଇଲାଗା ଇନ ...
କି ମଲା ମୁର୍ଦାର-ମୁରଦିରି ଜେ (ଲାଲଟିନ ନେଇ ଦେଖିଛେ)
ରାହୁଲ - (ହଡବଡେଇ ହେଇ ଉଠି) କିଏ, କିଏ ଅ ?
ଡଂଗାବାଲା - ମୁଇଁ ଇନର ଡଂଗାବାଲା
ଦେଖ ଜନ ଦେଖନୁ
ରାଏତ କେତେ ହେଲା ନ ଜେ
ଜ ଜିବ ବଏଲେ ପଲ ଜଲଦି
ଏତକି ବେଲିଆ ଇ ନଏଦଖଣି
ଏନ୍ତା ଏକଲା ରହେବାରଟା ଠିକ ନେଇସେ
ହୁଣାର ଚିତା ପାଏନ ପି' ଆଏସନ
ଭୁତେନ ପେତେନ ଟଣେହି ବି ବାହାରସନ
ଉଠ ଜ
ରାହୁଲ - (ଥତୋତମୋ) କେନକେ ଜିମିଁ ?
ଡଂଗାବାଲା - ଘର ଜ
ରାହୁଲ - ଘର ?
ଡଂଗାବାଲା - ଦୁରିଆ ଅଛେ,
ଡର ଲାଗୁଛେ ?
ବଏଲେ ଚାଲ
ହେନ ପାଖେ ମୋର କୁରିଆ ଅଛେ
ରାଏତ ରହେବ ଆର ସଖାଲେ ଜିବ
ରାହୁଲ - ଫେର ସଖାଲେ ...
ଡଂଗାବାଲା - ଜେନକେ ଜିବାର କଥା
ତମର ଠାନକେ ଜିବ
ରାହୁଲ-ମୋର ଠାନ ଠିକନା
ଡଂଗାବାଲା - ତମର ଠାନ ଠିକନା ?

ରାହୁଲ - ନେଇଁନ
ଡଂଗାବାଲା - ନେଇଁନ !
ରାହୁଲ - ଠିକନା ଠାନମାନକର ବାଟ ସବୁତ ରୁଂଧି ହେଇଜେଇଛେ
ପ୍ରତ୍ୟୟର ପରିଧି ଜିରି ସଁକରି ଛିଡେ ନି ଛିଡେ
ଡଂଗାବାଲା - ଗାଲି ଲାଗିକରି ପଲେଇ ଏଇଛ ?
ରାହୁଲ - ନେଇଁ ଉକୁବୁକୁ ଲାଗଲା
ରହେବାର ବଖ୍ରା ଭିତ୍ରେ ଅବିସାସର କୁହୁଁଲା
ଡଂଗାବାଲା - ଅବିସାସ !
ରାହୁଲ - ସାଜିସ, ପ୍ରତାରଣା
ଡଂଗାବାଲା - ସାଜିସ, ପ୍ରତାରଣା ?
ରାହୁଲ - ଦୁଖ ଦରଜ ବିକାରମନ
ଡଂଗାବାଲା - (ଲମାସାଁସ ନେଇ) ଓ ,
ରାହୁଲ - ଭାବି ନି ପାର
ଅଜବ ବିଚିତ୍ର ଟୁକେଲ ନିସା
ଏକାଏକ ଦିନେ ମୋର
ଜିଁବାର ବାହାନା ବନି ଜେଇଥିଲା
ଦେଖଲେ ତାହାକେ ହଜାର ଫୁଲ ଫୁଟୁଥିଲା
ବହୁତ ସପନ ଦେଖେଁ
ଏନ୍ତା କରମି ସେନ୍ତା କରମି ବଲେଁ
ହେଲେ କାଇଛେ
ମୁଇଁ ବଲେଁ , "ଲୋକ କେନତେହି ଲଭ କରି ପକାସନ,
ମୁଇଁ କାହାକେ କେଭେ ଲଭ କରି ହିଁ ନି ପାରେଁ"
ହେଲେ ଜେନଦିନ ତା'କେ ପହେଲା ଦେଖିଥିଲିଁ
ମୁଇଁ ମୋର ଅଜାନ୍ତକେ ଭଲ ପାଇ ବସିଥିଲିଁ

(ପାର୍କର ବେଂଚ ପାଖେ ନିସା ଇଆଡୁ ସେଆଡୁ ଗୁଂଦଲେଇ ହଉଥାଏ । ବୋଲ ବୋଲ ହାତର ଘଡି ଦେଖୁଥାଏ । ବେଂଚନୁ ଉଠି ପଡୁଛେ, ଦୁଇ ଚାଏର ପାହା କିଂଦ୍ରି ଆସି ଫେର ବସୁଛେ, ଫେର ଉଠୁଛେ )

ନିସା – ସବୁ ପିଲା ଏକେଟା
ଏନ୍ତା ଟଖାବେ, ଡେରିରେ ଆଏବେ
ଆର ଫେର 'ସରି'
ନେଇଁ ଇଟା ଗୁଟେ ଠିକ ନେଇଁ ଲାଗବାର
କିଛି କରବାରକେ ପଡବା
ଜେନ ଟାଇମ ଦଉଛନ
ସେ ଟାଇମରେ ଜଦି ଆସି ନି ପାରବାର
ଆର ଦସ ପଂଦ୍ର ମିନିଟ ଛାଡି ଆସୁଛନ
ତ ଆର ଦସ ପଂଦ୍ର ମିନିଟ ଛାଡି ଟାଇମ ଦଉନନୁ
ନେହେଲେ କାଣା ...
(ରାହୁଲ ଏଇଛେ)
ରାହୁଲ – ହାଏ ନିସା,
ନିସା – (ମୁହଁ ଧୁଂଧରେଇ) ହାଏ
ରାହୁଲ – ରାଗୁଥିବ ନିସଚେ, କାଣାନୁ ...
ସରି ଏକ୍ସଟ୍ରିମଲି ସରି
ନିସା – ଆଏଜ ନା ଗୁଟେ ନୁଆଁ ଗେମ ଖେଲବାର ପ୍ଲାନ କରିଥିଲିଁ
ରାହୁଲ – ନୁଆଁଗେମ, ଚାଲ ଖେଲମାଁ
ନିସା – ନେଇଁ ଛାଡ ଆଏଜ ଆଉ ନେଇଁ
ରାହୁଲ – ଚାଲନୁ ଖେଲୁଁ
ନିସା – ନେଇଁ ରାହୁଲ ଥାଉ
ରାହୁଲ – ତମେ ଠିକ ଅଛ ତ
ନିସା – ହଁ, ଆସ ବସ, ଗପମାଁ
(ବେଂଚରେ ବସିଛନ)
ରାହୁଲ – ଆଏଜ ବହୁତ ଅଲଗା ଅଲଗା ଲାଗୁଛ
ପହେଲା ଗେମ ଖେଲମାଁ ବଏଲ
ଫେର ବସିକରି ଗପବାରକେ ମନ କରୁଛ
ବଟ ଆଇ ଡୋଂଟ ମାଇଣ୍ଡ
ନିସା – ଖାଲି ମୁଇଁ ବଦଲିଛେଁ
ତମେ ବି ବଦିଲଲା ବାଗିର ଦିସୁଛ

ରାହୁଲ - ମୁଇଁ ?
ନିସା - ଆଏଜ ବଡା ହେଣ୍ଡସମ ଦିସୁଛ
ରାହୁଲ - ହଠାତ ତାରିଫ କରବାର ମାନେ ?
ନିସା - ମାନେ ଆର କାଣା, ଭଲ ଦିସୁଛ
ରାହୁଲ - ଓ ରିଏଲି
ନିସା - ହେଲେ ଆଘୋରୁ କେଭେ ଏତେ
ରାହୁଲ - ଆଘୋରୁ କେଭେ ତମେ ମତେ ଏତେ ପାଖୁ ନେଇଁ ଦେଖି
ଆଉ ଜଦି ଆଉ ଟିକେ ଭିତରକେ ଢୁଂଗି ଦେଖବ
ତ ମୋର ଭିତରର କଥାବି ଦେଖି ପାରତ
ନିସା - ତମର ଭିତ୍ରେ କାଣା ଅଛେ ରାହୁଲ
ରାହୁଲ-ଭିତରକେ ଗଲେ କାଏଁନ ଜାନବ
ନିସା - ଇନକେ ଆଏବାର ଆଘୋନୁ
ଆଉ କେନ ଠାନକେ ଜାଇଥିଲ ?
ରାହୁଲ - ନେଇଁତ, ଆଉ କେନସି ନିକେ ନେଇଁ ଜେ, ସିଧା ଇନକେ ତ ଆସୁଛେଁ
ନିସା - ମୁଇଁ ଜଦି ଇନ ତମକୁ ନାଇଁ ଟାଖିଥିତିଁ
ରାହୁଲ - ତମକୁ ନୁରିଥିତିଁ
(ମନକେମନ) ଆଏଜ ହଠାତ ଇ ପ୍ରକାର କଥା କେନ୍ତା
ଆଏଜ ମନ ଅଲଗା ଲାଗୁଛେ
ମନର କଥାଟା କହିଦେସିଁ
ନିସା - ମତେ ନୁରିଥିତ ରାହୁଲ ?
ରାହୁଲ - ହଁ ନିସା
ନିସା - ପାଗଲ ଅ ଏକଦମ
ରାହୁଲ - ଏଭେ ତମେ ଗୁଟେ ଦରଜ ଅନୁଭବ କରସ ନିସା
ନିସା - ଦରଜ, କେନ୍ତା ଦରଜ ?
ରାହୁଲ - ମିଠା ଦରଜ
ନିସା - ମିଠା ଦରଜ, ନାଇଁତ
ରାହୁଲ - ମୁଇଁ ଏଭେ ଗୁଟେ ଅଜବ ମିଠା ଦରଜ ଅନୁଭବ କରୁଛେଁ
କେଭେ କେଭେ ରାତି ତ ଜୋର ଜଲାସି
ସେତାର ଜଲନ ଜେତେ ଜୋର ବଢସି

ସେତେ ମଜା ଲାଗସି
ସାରା ରାଏତ କଠଲେଇକରି
ଖାଲି ସେ ମିଠା ଦରଜ ଅନୁଭବ କରି ପାରବାର କଥା
ବହୁତ ମଜା ଲାଗସି
ନିସା – (ମନକେମନ) ମୁଲ ହେଇଗଲା ପାଗଲାମି
(ରାହୁଲକେ)ବହୁତ ମଜା ଲାଗସି ରାହୁଲ ?
ରାହୁଲ – ହଁ
ନିସା – କାଏଁଥିର ଦରଜ ଏତେ ମିଠା ?
ରାହୁଲ – ଛାତି ଭିତ୍ରେ ହଜାର କହଁଡୋ ଫୁଟି ଫୁଲ ହେଇଗଲା ବେଲର ଦରଜ
ନିସା – ଟିକେ ସୋର କରସିଁ
ନିସଚେ ମତେ ବି ଏନ୍ତା ଦରଜ ହଉଥିବା
(ମନେମନେ) ଜଦି ନେଇ ବଲିଦେମିଁ
ବଏଲେ ବିଚରାର ମନ ଭାଂଗିଜିବା
ଆର ଫେର ଗେମ ଖେଲବାରକେ ଏତେ ସହଜରେ
ସରଲ ଲୋକଟେ ମିଲବା କି ନାଇଁଜେ କିଏ ଜାନିଛେ
ବିନା ଗେମରେ ବହୁତ ବୋରିଂ (ଭାବି ସାରିଛେ)
ହଁ ଦରଜ ହେସି ରାହୁଲ, ଛାତି ଜଲାସି
ରାହୁଲ – ଏକା ଦରଜ ନିସା
ନିସା – ଏକା ସ୍ୱଏକାଦ ଏକା
ହେଲେ ଡର ଆତଂକ
ରାହୁଲ – ଜୋରରେ ସମୁଦ୍ରର ଲହଡା ଖଏଣଡେଗି
ଏକଲା ଏକଲା ଗୁର୍ଦୁଦୁର ଜେଇ
ଫେର ଚୁପଚାପ ଫିରି ଆଏବାର ଦୁଖ
ନିସା – ତମେ ଡରୁଛ ନେଇଁ
ରାହୁଲ – ତମେ
ନିସା – ନେଇଁ
ରାହୁଲ – ଆର ଦୁଖ ନେଇଁନ
କହଁଡୋ ସବୁକେ ମନମାନି ଫୁଲହେଇ ଫୁଟିଦିଅ

ନିସା – ଅମାନ୍ତୁ ଲହଡାକେ ବି ଖଏଣଡେଗି ଆସିଦିଅ

ରାହୁଲ – ଫୁଲଫୁଟି ମହକିଜଉ

ନିସା – ନାଚୁ ଲହର

ରାହୁଲ – ନାଚୁ ଫୁଲ

(ଦୁହେଁ ଠାନେକେ ନାଚୁଥାନ ଆର ହଠାତ ବାହାରୁ ହୋ ହାଲା ସୁଭଲା)

ବାହାରୁ – ଧଁ ଧଁ ବଁଚ ବଁଚ

ଭାଗ ଭାଗ ପଲ ପଲ

ଜଲିଗଲା ଜଲିଗଲା ପୁଡିଗଲା ପୁଡିଗଲା

ରୋମ ଜଲିଗଲା

(ସବୁ ରଡାଗୁଗା ଏକେସାଂଗେ ମିସି ଘୋଘୋ ସୁଭୁଥାଏ, ରୋମର ରାଜମହଲନ ନର୍ତକି ସାଂଗେ ରଜା ନିରୋ ସେ 'ଘୋଘୋ' ସବଦକେ ସାରଗିଁଥି ସୋର ମିଲଉଥାଏ)

ନର୍ତକି – ମାହରାଜ ସେଆଡେ ରାଜନଗର ଜଲିଜଉଛେ

ନିରୋ – ରୋମ ଜଲୁଛେ ତ ଜଲିଦିଅ

ତମେ ନାଚୁଥିବ ମୁଇଁ ସାରଗିଁ ବଜଉଥିମିଁ

(ପରଜାମାନେ ଏକେସାଂଗେ ପସିଏଇଛନ)

ପରଜା (୧) – ମାହରାଜ ନିରୋ ତମେ ଅନିଏ କରୁଛ

ପରଜା (୨) – ରାଏଜ ଜଲି ଜଉଛେ ସେନ

ପରଜା (୩) – ତମେ ସାରଗିଁ ବଜଉଛ

ସବେ – ଅନିଏ ଅନିଏ ଅନିଏ

ପରଜା (୧) – ତମର ଦୋସକେ ମରନ ସଜା

ସବେ – ମରନ ସଜା ମରନ ସଜା (ଘେରିଦେଇଛନ)

ପରଜା (୨) – କହ କାଣା ତମର ସେସ ଇଛା

ନିରୋ – ମୋର ସେସ ଇଛା

ନର୍ତକି ଛୁରି ଭୁସି ଭୁସି ମାରୁଥିବେ

ଆର ମୁଇଁ ସାରଗିଁଥି ମୋର ମରନର ସୋର ମିଲଉଥିମିଁ

(ନର୍ତକି ଛୁରି ଭୁସବାରକେ ଧରିଛେ, ନିରୋ ସାରଗିଁ ମିଲେଇ ବସିଛେ । ପାର୍କ ।)

ନିସା – ତମେ ସତେ ମତେ ଏତେ ଭଲ ପାଏସ
ରାହୁଲ – ବିସାସ ନାଇଁ ଲାଗବାର
ନିସା – (ଅବାକ, ଆକାବୋଧ, ସାସଁତେଜ)
ରାହୁଲ – ପରିଖ୍ୟା କରିନିଅ
ନିସା – ମତେ ବହୁତ ଡର ଲାଗୁଛେ
ସେମାନେ ସବେ ଜଦି ରପଟି ଆଏବେ
ରାହୁଲ – ଚାଲ ପଲେଇଜିମାଁ
ନିସା – ପଲେଇଜିମାଁ, କେନକେ
ରାହୁଲ – ଦୁରିଆ, ବହୁତ ଦୁରିଆ
ଅଚିହ୍ନା ଛିନା ଠାନକେ
ନିସା – ସେନ ମନମାନି ଗେମ ଖେଲମାଁ
ଦିନକ ଗୁଟେ ଗୁଟେ ନୁଆଁ ନୁଆଁ ଗେମ
ରାହୁଲ – ଚେବଡେକ ଚେବଡେକ ଚାଲରେ ଘୁଡା
ଚେବଡେକ ଚେବଡେକ ଚାଲରେ ଘୁଡା
ନିସା – ରାହୁଲ, କାଣା ତମର ଛାତି ନ
ଇହାଦେ ବି ସେ କହଁଡୋ ସବୁ ଫୁଟୁଛନ
ଆର ଦରଜ ମିଠା ଲାଗୁଛେ ?
ରାହୁଲ – ନିଜେ ଛିଁ ଦେଖ ସେ କଅଁଲ କହଁଡୋମାନକୁ
କୁତକୁତା ଲାଗବା
ଅନୁଭବ କରିଦେଖ

(ନିସା ରାହୁଲର ଛାତିକେ ଛିଁ ଦେଖିଛେ, ଫେର ମୁହୁଁକେ ଛାତିନିକେ ନେଇଛେ ଆର ରଟପଟାତେଲ ଚାବିଦେଇଛେ । ରାହୁଲ ଚମକି ପଡିଛେ, ଛଡେଇ ହେଇଛେ, ଦରଜେ ଜଲୁଥାଏ, ନିସା ହଁସୁଥାଏ ।)

ନିସା - (ଖିଲଖିଲାତେଲ) ନୁଆଁଗେମ ନୁଆଁଗେମ କେନ୍ତା ଲାଗୁଛେ

(ନଏଦଖଏଣନୁ ଡଂଗାବାଲାର କଥା ସୁଭିଛେ)

ଡଂଗାବାଲା - (ବାହାରୁ) ବିକୃତ ବିକାର ମନ

ରାହୁଲ - (ବାହାରୁ) ନହୁସ ତ ଇଂଦ୍ରପଦ ପାଇଜାଇଥିଲା

ଇଂଦ୍ରପଦଜେ ବିନ ସଚିଥି

(ସରଗ । ସଚିର ବଖ୍ରାର ଦୁଆରବଂଦ ଭିତ୍ରେ ସଚି ଆର ବାହାରେ ନହୁସ ଠିଆ ହେଇଛନ)

ନହୁସ - ଦେବି ସଚି ମୁଇଁ ସରଗର ଇଂଦ୍ର

ସଚି - ମାହରାଜ ନହୁସ ତମେ ଇଂଦ୍ର ?

ନହୁସ - ହଁ, ଆର ଇଂଦ୍ର ତମର ସାନିଧ୍ୟ ଚାହୁଁଛେ ସଚି

ସଚି - ହେଲେ କିନ୍ତୁ

ନହୁସ - ହେଲେ କିନ୍ତୁ କାଣା

ସଚି - ମତେ ଜଦି ପାଏବାର ଚାହୁଁଛ

ତ ରୁସିଜାନେ ବସିକରି ଆଏବ

ନହୁସ - ରୁସିଜାନେ !

(ଓମକାର ସବଦେ କଁପି ଜଉଛେ ଡଂଗର, ଝାର ଆରୁ ତପ ଖଟୁଥିବା ରୁସିର ଠାନ । ନହୁସ ଏକଗୁଡିଆ ତପ ଖଟୁଥିଲା ତାକର ସାମନେ ରୁସିକୁ ମନାବାରକେ । ରୁସି ଆଏଁଖ ଖୁଲିଛନ, ଜୁହାର କରିଛେ ନହୁସ, ଆର୍ସିବାଦ କରିଛନ ବାବା )

ରୁସି - ଚାଲ ରଜା ତୋର ତପେ ମୁଇଁ ଖୁସ ହେଇଛେଁ

(ଗୁଟେ ଗୁଟେ କରି ସବୁ ରୁସି ଜୁଟି ରଥ ଆକାରେ ସଜେଇ ହେଇଛନ, ରଥେ ବସିଛେ ନହୁସ କି ଚାଲଲା ସଚି ପୁରିକେ)

ନହୁସ - ଚାଲ ରୁସିମାନେ ଚାଲ ସଲୋ ସଲୋ

(ରୁସିଜାନେ ନହୁସ ଭାବିପକଉଛେ ଜେ, ସଚି ତାର ବଖ୍ରା ଭିତ୍ରୁ ଦୁଆର ବଂଧତକ ନର୍ଦି ଆସି ଅଟକି ଜଉଛେ ଦୁଆର ବଂଧନ ଦୁହିଆଡେ ଡୁଂଗି ଦେଖୁଛେ ଭାଏଲ ଆଏଲେ କାଏଁବଲି, ନେଇ ଆସବାର ଦେଖି ଫେର ଫିରି ଜଉଛେ ଆର ଫେର

ଘୁଡାମାନକର ଖୁରା ଆର ରଡି ସୁନି ଦୁଆର ବଂଦକେ ଆସୁଛେ । ନହୁସ ଭାବନା ଥି ବହକି ବଡା ଆତୁର ହେଇ ଜଉଛେ )

ନହୁସ – ଚାଲ ରୁସିମାନେ ଚାଲ ସଲୋ ସଲୋ
(ତଥାପି ସୁସ୍ତା ଚାଲବାର ଦେଖିଛେ)
ଚାଲରେ ଚାଲ ଜୋରରେ ଚାଲ
ଆର ଜୋର ଆର ଜୋର

(ରାଗେ କୁର୍ଡା ମାରିଛେ କି ରୁସିଜାନ ଅଟକିଗଲା । ରୁସିମାନେ ରଥ ଆକାରନୁ ଖଁସରି ଆଏଲେ)

ଜୋରରେ ଜିବୁ ଜୋରରେ ଜିବୁ
ସାଂପ ହେଇଜା
ରଂଗି ରଂଗି ଜିବୁ

(ନଏଦଖଏଣ)

ଡଂଗାବାଲା – ବହୁତ ଖରାପ ଲାଗୁଥିବା
ରାହୁଲ – କିଛି କିଛି ଭଲ ନି ଲାଗବାର
ଖାଲି ମର ମର ବାଗିର ଲାଗୁଛେ
(ଘଡେ ଚୁପ) ଆଘୋ ଛୁଆବେଲେ ନେଇଁ
କିସମ କିସମ ସପନ ଦେଖେଁ

(ରାହୁଲର ଘର)

ବାହାରୁ – ଆର ଫେର ଘାଏକେ ଛନେକେ
ସେ ସପନମାନେ ବଦଲେ
ଇଟାହେମିଁ, ନେଇଁ ନେଇଁ
ଇତାରନୁ ସେଟା ଭଲ, ସେଟା ହେମିଁ

(ବୁହେନ ଦେଖୁଥାଏ (ଛୁଆ) ରାହୁଲ କାର୍ଡବୋର୍ଡରେ ଚେରେ ଡେନା ବାଗିର ବନେଇ ସେଥି ରସି ଲଗଉଥାଏ)

ବୁହେନ – କାଣା କରବୁ ଗୋ ଦାଦା
ରାହୁଲ – ଇଟା ପରେ ଡେନା ହଉଛେ, ଡେନା
ବୁହେନ – ଡେନା, (ବ୍ୟସ୍ତ ରାହୁଲ ମୁଡ ହଲେଇ ହଁ ବଲିଛେ)
ଡେନା କାଁ କରବୁ ?
ରାହୁଲ – ଇନ ଟିକେ ଟିପ ଦେ ତ
(ଗଏଁଠ ପକେଇ ଡେନାକେ ବାହାଥି ଲଗେଇଛେ)
ଦେଖ ଏତକର ମୁଇଁ କେନ୍ତା ଉଡମିଁ ଜେ

(ବାଡା କାଁଥିକେ ଚଢିଛେ, ଡେନା ହଲେଇ ବାଡାନୁ ଡେଗିଛେ, ମୁହଁ ମାଡି ତଲେ ପଡିଛେ, ବୁହେନ କାଂଦି କାଂଦି ନର୍ଦଛେ ଘରଭିତରକେ)

ବୁହେନ – ମାଁ, ମାଁଗୋ ଦାଦା ହିଟି ପଡଲା ଗୋ,

(ମାଁ ବାପା ଦୌଡି ଆସି ଅଚେତ ରାହୁଲକେ ଭିତରକେ ନଉଥାଏ ଆର ନଏଦଖଏଣନୁ ସୁଭିଛେ )

ବାହାରୁ – ସପନର ଡେନାକେ ମହମଥି ଲଟକେଇଥିଲିଁ କାଁଜେ
ସୁରୁଜର ପାଖକେ ପହଁଚିଲିଁ କି
ଖରାର ଧାସେ ମହମ ତଗଲିଗଲା
ଡେନା ଛିଡିଗଲା
ଆର ମୁଇଁ ଜୁଗରେଇ ହେଇ ପଡଲିଁ ୟୁକାରସ ବାଗିର

(ଆଖଡାସାଲୁ ରାମଲିଲାର ବାଜନା ସୁଭୁଛେ । ରାହୁଲ ଆର ତାର ବୁହେନକେ ବାପା ଦେଖେଇ ଆନିଛନ । ବାଜନା ଜୋର ସୁଭିଛେ । ଜୁଦ୍ଧ ର ଅଭ୍ୟାସ ଚାଲିଥାଏ । ରାହୁଲର ବୁହେନ ଝୁମରି ବସିଛେ ହେଲେ ରାହୁଲର ଏକସକଁଟି ସେ ଅଭ୍ୟାସ ଦେଖୁଥାଏ ଆର ଭାବୁଥାଏ, ସେ ମଚାନେ ଏକଲା ରାମଲିଲାର ଜୁଦ୍ଧ ଅଭ୍ୟାସ କରୁଛେ ।)

ଡାଏରେକ୍ଟର - (ବାହାରୁ ଉଠିଆସି) ଚମତକାର ଚମତକାର
ହେତକି ଦିନୁ ଜେନଟା ନୁରୁଥିଲିଁ
ସେହି ଜିନିସ ସ୍ୱଏକାଦ ସେହି ଚେହେରା
ସେହି ଡାଏଲଗ ଡେଲିଭରି
ଓ୍ୱଣ୍ଡରଫୁଲ !

(ରାହୁଲ ଅବାକ ଠଁକେଇଛେ ଖାଲି, ଫେର କିଛି କହେବାରକେ ଚାହୁଁଥିଲା ହେଲେ ଏତକି ପ୍ରସଂସା ସୁନି ବେବଲେଇ ଗଲା )

ମୁଇଁ ରାମଗୋପାଲ ଚୋପ୍ରା
ଫିଲିମ ଡାଏରେକ୍ଟର
ଜଦି ଆପଣ ହଁ ବଲତେ ବଏଲେ
ଆପଣକୁ ମୋର ନେକ୍ସଟ ଫିଲିମରେ ନେବାରକେ ଚାହୁଁଛେଁ
ରାହୁଲ - ଫିଲିମ !

(ଭାବନାଥି ବହକି ଜଉଥେ ରାହୁଲ । ସେ ଫିଲିମ ହିରୋ ହେଇ ଜେଇଛେ ଆର ଡାଏରେକ୍ଟର ଚୋପ୍ରା ତାହାକେ ନେଇକରି ସୁଟିଂ କରୁଛନ)

ଡାଏରେକ୍ଟର - ସଟରେଡି, (କ୍ଲେପବଏ ହଁ ବଲିଛେ)
ଲାଇଟ (ଗୋଲାକାର ଉଜ୍ୟା ରାହୁଲ ଆଉ ହିରୋଇନ ଉପ୍ରେ ପଡିଛେ)
କେମେରା (କେମରାମେନ ହଁ ବଲି ହାତ ଦେଖେଇଛେ)
ଏକ୍ସନ
ହିରୋଇନ - ତମେ ବୁଝବାର ନେଇଁ କେନ୍ତା
ଟିକେ ବୁଝବାରକେ ଚେସ୍ଟା କର
ଡାଏରେକ୍ଟର - କଟ ଇଟ, ଇମୋସନ, ଇମୋସନ
(ହିରୋଇନ ବୁଝଲା ବାଗିର ମୁଡ ହଲାଲା)
ରେଡି (କ୍ଲେପବଏନୁ କେମରାମେନ ତକ ସମକୁ ଘାଏ ଦେଖିନେଇଛେ, ସବ ତିଆର)
ଏକ୍ସନ

ହିରୋଇନ - ତମେ ବୁଝିବାର ନେଇଁ କେନ୍ତା
ଟିକେ ବୁଝିବାରକେ ଚେଷ୍ଟା କର
ରାହୁଲ - ନେଇଁ ମୁଇଁ କିଛି ବୁଝିବାରକେ ନେଇଁ ଚାହେଁବାର
ଖାଲି ଏତକି କହିଦେ
ତୁଇ ମତେ ଭଲ ପାଏସୁ କି ନେଇଁ
ଖାଲି ହଁ କି ନେଇଁ କହିଦେ
(ହିରୋଇନ ଚୁପ)
ଜାନିଥିଲିଁ ଜାନିଥିଲିଁ
ଜିଏବି କହିଛେ ଠିକ କହିଛେ
ଭାଂଗିଗଲା ମନ ମାହାପ୍ରୁକେ ଦେବ ଜୁଡିଦେବା
ହେଲେ ସଜାଲା ମନ କେଭେ କେନସି
ଟୁକେଲକେ ନେଇଁ ଦେବ, ଭାଂଗିଦେବା
ଡାଏରେକ୍ଟର - ଓକେ, ଟେକ ଇଟ
ଏକ୍ସସେଲେନ୍ଟ ମିସ୍ଟର ରାହୁଲ
ଓ୍ୱଣ୍ଡରଫୁଲ ପରଫରମାଂସ

(ରାହୁଲର ଘର । ମାଁ କାଣା ବାଟୁଥାଏ, ବାପା ଖଟେ ଭୁଜା ଖଉଥାନ । ବେଗଟେ ଧରି ଏଇଛେ ରାହୁଲ)

ମାଁ - କେନ୍ତା ହେଇଛେ ତୋର ପରିଖ୍ୟା
ରାହୁଲ - (ଅବିସାସରେ) ହଁ
ମାଁ - ରିଜଲ୍ଟ କେଭେ ବାହାରବା
ରାହୁଲ - ଜୁନ ଲାସ୍ଟ ଆଡକେ
ମାଁ - ଦେଖ ପରିଖ୍ୟା ତ ସରଲା
ଏତକର କେନ ଚାକରି ବାକରିଥି ଲାଗିପଡ
ରାହୁଲ - ହଁ ଇ ମାସେ ଏନଟ୍ରାସଟେ ଦେମିଁ
ମାଁ - କାଏଁଥିରର ଟା
ରାହୁଲ - ଏନଏସଡିର ଏନଟ୍ରାସ
ମାଁ-ସେଟା କାଏଁ ଚାକରି
ରାହୁଲ-ହିରୋ,ସ୍ଟାର ହେଇଜିବୁ ମାଁ ସ୍ଟାର

*ସାକେତ ସ୍ରିଭୁସଣ ସାହୁ*

ବାପା – ସ୍ଟାର ବନୁଛେ
ନାଟ ବଏଲେ ଉଡକି ପଡୁଛେ
ରାହୁଲ – ତମେ ନେଇଁ ଜାନି ବାପା
ଇଥି ବି ପଏସା ଅଛେ
ବାପା – କହେଲିଁ ପରେ ଦର୍କାର ନେଇଁ
ଦେବୁ ବଏଲେ ମେଡିକାଲ ଦେ, ଇଂଜିନିଅରିଂ ଦେ
ଓଏସ ଦେ ଆଏସ ଦେ
ରାହୁଲ – ତମେ ନେଇ ବୁଝ
ବାପା – ତତେ ନାଟ ଛଡା ଆର ଦୁସ୍ରା ଜିନିସ ଦିସସି କି ନି ଦିସେ ?
ଖାଲି ନାଟ ନାଟ ନାଟ
ତତେ ଥରେ ଗୁଟେ କଥା କହେଲେ କେନ୍ତା ନେଇଁ ବୁଝୁ
ଆମେ କାଣା ତୋର ସତ୍ରୁ ଅଉଁ ?
ଆମେ କାଣା ଜାନି ଜାନି ତୋର ଖରାପ ଚାହେମୁଁ
ତତେ ହେନ୍ତା କେନ୍ତା ଲାଗୁଛେ ?
ମୁଇଁ ପରେ ତୋର ବାପ
ତୁଇ ସବୁ କଥା ଇହାଦେ ବୁଝି ନି ପାରୁ
ତୋର ବୁଝବାର ବଏସ ନି ହେବାର ତାଏଲ
ଆମେ ଜାହା କରୁଛୁଁ, ତୋର ଭଲର ଲାଗି କରୁଛୁଁ
ଜାହା କହୁଛୁଁ, ତାହା କର
ତୁଇ ନିଜେ ଫଏସଲା କରବାର ବଏସ ନି ହେବାର ତାଏଲ

(ରାହୁଲ ଛୋଟ ଝୁରିଟେ, ନଦିର ଇ ଖଣ୍ଡୁ ସେ ଖଏଣ ତଁରୁଥାଏ ବେଲକେ ବାପା ଜାଲ ପକେଇ ଧରିଆନି ଏକ୍ୱାର୍ୟମ ଭିତ୍ରେ ଭରୁଥାନ, ସେ ଛଟକି ଜଉଥାଏ)

ରାହୁଲ – ନେଇଁ ମୁଇଁ କଲାକାର ହେମିଁ କଲାକାର
ବାପା – କଲାକାର, କଲାକାର ଲାଗି ମୋର ଘରେ ଠାନ ନେଇଁ
ରାହୁଲ – ମତେ ବି ଏନ୍ତା ଉକୁବୁକୁ ବଂଦ ବଖ୍ରାଥି ମନ ନେଇଁ
ବାପା – ଜା ହେନ୍ତା ହେଲେ
ରାହୁଲ – ମତେ ମୁରଛିଦେବ
ମୋର ଆଏଁକ ଛି ଦେବ

ମୁଇଁ ଆର ଘରକେ ନି ଫିରେଁ ନ

(ଜେନ ବେଗ ଧରି ଏଇଥିଲା, ହେନ୍ତା ଫିରିଗଲା । ସହରର ଗୁଟେ ନାଟ ଦଲର ଆଖଡାସାଲ ।)

ନାଟ ଡାଏରେକ୍ଟର - କାଏଁ ନା ?
ରାହୁଲ - ରାହୁଲ
ନାଟ ଡାଏରେକ୍ଟର - କାଣା କରସ (ହଡବଡେଇ ହେଲା)
ପଢୁଛ ?
ରାହୁଲ - ପ୍ଲସ ଥ୍ରି ପରିଖ୍ୟା ଦେଇଛେଁ
ନାଟ ଡାଏରେକ୍ଟର - ଆଘୋନୁ କେଭେ ନାଟ କରିଛ ?
ରାହୁଲ - ଗାଁ ର ରାମଲିଲାରେ
ନାଟ ଡାଏରେକ୍ଟର - ଆଛା ଠିକ ଅଛେ
ଆଝୁ ରେଗୁଲାର ରିହେରସେଲକେ ଆସ
ଠିକ ଟାଇମରେ ଆଏବ
ବେଟାଇମିଆ ଲୋକକୁ ମତେ ଭଲ ନି ଲାଗେ
ଆମେ ହେଲାଁ ସୌକିଆ କଲାକାର
ହେଲେ ଆମର ମନୋବୃତିଟା ଏକଦମ ପେସାଦାର ହେବାର ଚାହି

(ଆଖଡାସାଲେ ହାମଲେଟର ରିହେରସେଲ ଚାଲିଛେ, ରାହୁଲ ହାମଲେଟ ପାଟ କରୁଥାଏ ।)

ରାହୁଲ - କଥା ପଡିଛେ ହଁ କି ନେଇଁ, କାଣା କରି ହେସି
ଭଲହେବା ଲାଏଜ ଲଜନ୍ୟା ଭାଗ୍ୟର ସର ଗୁଲେରକେ
ଆପେ ସହିଗଲେ
କି ଖଣାଧରି ଧାଇଁଜିମିଁ ସମସ୍ୟାର ସମୁଦ୍ରେ
ନାଟ ଡାଏରେକ୍ଟର (ଠାନୁ ଉଟିପଡି) - ବୁଡାବୁ ସେକ୍ସପିଅରକେ, ଇଆଡ ଦେଖ

ବାହାରୁ – ଇଚିର ମିଚିର ଧୋବ ଚିର ଚିର
ଖଇର ଖାର ବାଘ ନାଟ
ଇଟା ସିଂଘାଡ ଝୋଲ
ହାଡଫୁଟେ ଫୁଟେ ମଉସ ଫୁଟେ
ହାତି କି ଘୁଡା ତୋର ?
ହାତି ?
ଧଇରଥା ତୋର ଛାତି
ଘୁଡା ?
ଧଇରଥା ତୋର ଠୁଣା

ନିର୍ଦେସକ ବତଉତାନ, ରାହୁଲ
ତାହାକୁ ଦେଖୁଥାଏ, ବତାଲା
ବାଗିର ନିଜେ କରି ଦେଖୁଥାଏ,

ନେଇଁ ହେଲା, ଫେର ବତାଲେ
ଫେର କରି ଦେଖଲା ତବବି
ନେଇଁ ହେଲା । ନିର୍ଦେସକ
ବିରକ୍ତ ହେଇ ଠାନୁ ଖଁସରି
ଗଲେ ।

(ସୁଇନ ନିସବଦ ଆଖଡାସାଲେ ରାହୁଲ ଏକଲା)

ବାହାରୁ – ଜ ଆନିଜ ସରଗର ପାଏନ
ଦିଅଗୋ ସରଗର ପାଏନ
ଛି ଇଥି ବିଲେଇ ଗ କରିଛେ
ଦିଅଗୋ ସରଗର ପାଏନ
ଛି ଇଥି କୁକୁର ମୁତିଛେ
ରାହୁଲ – ଦୁସ୍ରା ଲୁକର ଲାଗି
ଇ ଲୋକ ମୁହେଁ ବୁଥ ବୁଥା କରି ରଂଗ ମାଖବ
ନିଜର ଚେହେରା ଢାଁପି ହେବ

(ଆଖଡାସାଲେ ଉଲାଲା ମୁଖାମାନେ ହଲି ବସଲେ, ଜେନ୍ତା ତାକେ କୁଦଉଛନ । ଗୁଟ ଗୁଟ କରି ଆସି ମୁହେଁ ଲଟକିଜଉଛନ, ସେମାନକୁ ଛଡଉଛେ । ରାମଚଂଦ୍ର ର ମୁଖା ବରକସି ଲଟକିଗଲା । ନରଦୁଛେ ମଚାନ ଭଏର ଭଏର ଜଖା ହେଇ ଜେନ୍ତା ଜଂଗଲ ଜାକିର ଧଂଧାଡି ହେଇ ନୁରି ବୁଲୁଛେ ସିତାକେ)

ସିତା ... ସିତା ...(ଗଛଖୁଟକେ ପଚ୍ରେଇଛେ)
ସିତା .... (ପାହାଡ, ପର୍ବତକେ ପଚ୍ରେଇଛେ)

(ଆଖଡାସାଲ ରଂଧାଘର ହେଇଜେଇଛେ)

ବାହାରୁ – ହେଲେ ବୁପ୍ରି ଜେ ଇଆଡେ
ଚୁଏଲ ମୁଡେ ଭାତ ତପେଇକରି
ଅଧରାଏତ ତକ ଟାଖିବଇସଥିବା

ଗୋଡ–ହାତ ଧୁଇ ମୁଁହ–କାନ ପୁଛି ପିଣାନ
ବସିଛେ ଖାଏବାରକେ, ଉତକଂଠା, ଅଥା
ନିରାସ ପରସିଛେ ସିଆନି ।

ଖାଇସାରି ଉଠିଛେ, ମାଁ ବାପ ଉମ୍ନେଇ ତାପୁଥାନ ।

ମାଁ – ଇହାଦେ ଫିରୁଛୁ ବାବୁ,
କାଏଁ ପାଟ କରସୁ ତୁଇ
ରାହୁଲ – ସ୍ରବଣ କୁମାର
ମାଁ – ତୋର ବାପାର ଉସୋ ଆନବୁ ବଲିଥିଲିଁ ଆନଲୁ ?
ରାହୁଲ – ସୋର ନେଇଁ ହେଲାଗୋ
କାଏଲକେ ସଖାଲୁ ଆନି ପକାମାଁ

(ନଏଦଖଏଣ)

କେନକେ ଜିମିଁ କାଣା କରମିଁ
କେନସି ଥିରର ଠିକ ନେଇଁ
ବୁଝିପାରୁଛ ତମେ ମୋର ଅବସ୍ତା
ଡଂଗାବାଲା – ତ୍ରିସଂକୁ ବାଗିର
ରାହୁଲ – ଭାବୁଛେଁ ଫେର ଗାଁକେ ଫିରିଜିମିଁ କାଏଁ
ବସନୁ ଉତିରମି କି ବୁଢା ଆଙ୍କା ଜୁଗିଥିବେ
ସେ ନି ଥିଲେ ତାକର ଭୁତ ହେଲେ
ବସଟେଣ୍ଡର ବରଡାଲେ ଉଲେଇ ହେଇଥିବା
ଉତରୁନ ସାଏର ବେଁକେ ଉଲେଇହେବା

ତେହରୁ ଗୁଟ ଗୁଟ କରି ସୁଝାବ
"ବୁଝଲ ଆଜ୍ଞା,
ତମେ ସେ ଆଇଏସ କି ଓଏସ ହେବ
ବାକିଟା ଉଁ,
ଡାକ୍ତର କି ଇଂଜିନିଅର ହେଲେ କାମ ଖାଲିନ
ଆର ଇଟା ଜେ
ମଜାସାଏର ପଂଖାତଲେ ବଇସଥିବନ
ସୁଇଚ ଚିପି ଦେବ କି
ଏ ଚାହା ଆନ ବଏଲେ ଆନବା"
ହେଲେ ବୁଢା ଆଜ୍ଞା ଆର କାଣା ଜାନିଛନ
ଦୁହିହାତେ ସରଟିପଲା ସବ୍ୟସାଚି
ଆଏଜ ବୃହନ୍ନଲା ହେଇଜେଇଛେ
ଡଂଗାବାଲା – ବଏଲେ ଇହାଦେ ?
ରାହୁଲ – ଭାବୁଛେଁ ଘରକେ ଫିରିଜିମିଁ କାଏଁ ?
ଫେର ଭାବୁଛେଁ, ଗଲେ ହେଲେ କାଁ କରମିଁ
ଭୁଏଘର ପିଣା ନ ବସିକରି ତାସ ବି ଖେଲତିଁ ଜେ
ମୁଇଁ ତ ଭୁର୍ସି ଟେକା ମଗାନି, ଲଦା ଗୁଲାମ ଚୋର
ସବୁ ଭୁଲି ଗଲିଁ ନ
କି ଆରି ଠିଆ ହେଇକରି
ବାପାର ବାଗିର ସାଁକାରି ବି ତ ନି ଜାନେ
ଭୁତେର ମାନକୁ କେନତେହି ବତାମିଁ
ପହ୍ଲୁ କାଣେ କାଣେ ଥି ରୁଇବେ
କି ଚଉଲେ ଚଉଲେ ଥି ଜେ
ଘରକେ ଗଲେ ...
ଜା ହଉ ଆଏଲା ତ ବଲବେ
ସବୁ ଭୁଲିଜିବେ ବିହା ବୁହି କରିଦେବେ ଛୁଆପିଲା ହେଇଜିବେ
ଆମର ବାବୁର ମାଁ ବଲବା,
ହଏ ସୁନୁଛ,

(ସିଆନି କବାର କମ ଭିତ୍ରେ ଇ ଘରୁ ସେ ଘର ହେଇ ଜିନିସ ପତର ରଖାସଂଗା କରୁଛେ ଆର ସେ ଘରକେ ଢୁକୁନ ସାଏର କୁର୍ତା ହିଟାମି ବଲିଛେ)

ଗୁର୍ଦୁ ଦିନୁ ବାବୁର ମାମୁଁଘର ନି ଜିବାର ତାଏଲ
ଜଉଁ ନିଜେ ଘାଏ ବୁଲି ଆଏମାଁ
ଦେଖନୁ ମୋର ସଂଖା ଜିରି ଗଲା ନ ଜେ
ସୁନାରି ନିକେ ଘାଏ ନିଅ ନିଜେ
ଆର ମସେ ଅଧେ ମିସେଇ କରି ବନେଇ ଆନବ

(ଛୁଆମାନେ ନର୍ଦାନୁର୍ଦି ଗୁଗାତେଲ ପସିଏଇଛନ, କିଏ ମାଁର ଠାନେ, କିଏ ବାପାର ଠାନେ ଉଲେଇ ହେଇଛନ)

ଛୁଆ - ବାପା ଚକଲେଟ
ସବେ - ବାପା ଚକଲେଟ ବାପା ଚକଲେଟ
(ଝୁନି ଖେଇ ଦେଲା ବାଗିର କରୁଥାନ)
ବାହାରୁ - ସମୁଦ୍ରଖଣି କୁଲିହାଘର ବନଉଥିବ
ଲହଡା ଧୁଇ ନଉଥିବା
ଫେର ବନାବେ
ଫେର ଧସକିବା
ତେହରୁ କାଂଦବେ
ଛୁଆର ଆବାଜ - ବାପା ମୋର ଘର ଧସକିଗଲା ଗୋ
ବନେଇଦିଅ
ବନେଇଦିଅ ଗୋ, ବାପା ...
ରାହୁଲ(ବାହାରୁ) - ବୋଲ ବୋଲ କରି ମୁଲୁସଟ୍ଟ ବନଉଥିବ
ଧସକୁଥିବା ବିଦରୁଥିବା
ଛୁଆଖେଲ ଚାଲିଥିବା

(ନଏଦଖଏଣ)

ରାହୁଲ - ଜିବ ବଏଲେ ଜ ଭେଇ
ମୋର ଲାଗି ଅଜଥା ତମେ କେତେ ହଏରାଣ ହେବ
ଆଏଲେ ଆସୁ ପଛକର ହୁଣାର କି ଚିତା
ମୁଇଁ ଆର ଇନୁ ନି ଜାଏଁ ନ

(ବାଏଲଗଦା ଉପ୍ରେ ସୁଇ ବସିଛେ କି ଦୁରିଆନୁ କୁଲିହା କୁକୁରର ମାରଲଗା ସୁଭିଛେ । ଘାଏଗଲାକି ଭମକିଲା ବାଗିର ଉଠି ପଡିଛେ)

ଡଂଗାବାଲା - କାଣା ହେଲା
ରାହୁଲ - ମତେ କୁଲକୁଲା କରି ଖେଇ ଦଉଛନ
ଡଂଗାବାଲା - କିଏ, କିଏ ତମକୁ ଖଉଛେ
ଇନ ତ କିହେ ନେଇଁନ
ରାହୁଲ - ଆଁପରି ଚିଁପରି ପକଉଛନ
ଡଂଗାବାଲା - କିଏ ତମକୁ ଆଁପରୁଛେ
ଦେଖୁଁ, ନେଇ ତ
କୁକ୍ରାଡଖିଆ ସପନ ସୁପନା ଦେଖିଥିବ
ରାହୁଲ - ଇନ ସୁଇଥିଲିଁ ଆରୁ
ହୁଦେ କୋକ ଆସିକରି ମତେ ଟେଁକିନେଲେ
ଆର ମତେ ହାଲକି ହାଲକି ଖାଏତେଲ ଗଲେ
ମରିଗଲିଁ କି ପକେଇ ଦେଇକରି ପଲାଲେ
ଡଂଗାବାଲା - ତେହରୁ
ରାହୁଲ - ମୋର ଦିହଁର ମୁଡର ବରନ ବଦଲିଗଲା
ଭୁତବାଗିର ଦିସଲିଁ
କେନକି ନି କେନକେ ଗଲିଁ
ସେନ ମୋର ବାଗିରଟା ହୁଦେ ଥାନ
ଆର ଧାଂଗରିଟା ଗୁଟେକେ ସବେ ଘେରେଇ ବଇସଥାନ
ସେ କାଂଦୁଥାଏ ଜେ ବାକିଟାମାନେ ଭୁରତଉଥାନ

ଟିକେ ତୁମ ପଡେ ଆର
ପୁଓରେ ... ବଲେ ଆର ଫେର କାଂଦେ
କାଂଦଲାଜେ ଏକସକଁଟି ଭୋ ଛାଡନୁ
ଜେ ବାକିଟାମାନେ ବି ସମଲେଇ ନି ପାରଲେ
ତାକର ହୋ ହା ରଡାଗୁଗା କେ ମୁଇଁ ଉଠିପଡଲିଁ

(ନଦିର ଖଲ ଖଲ, ଚେରେମାନକର ଚେରମେଟେର ସବଦ ସାଂଗେ ବେଲ ଉଦି ଅଉଥାଏ । ନଦି କିଏ ଗୁଟେ ଗାଧିସାରି ମଂତ୍ର ପଢା ସେସ କରୁଥିଲା)

ବାହାରୁ – ଓମ ସାନ୍ତି ସାନ୍ତି ସାନ୍ତି ହି ।

(ଚାର୍ହିଆଡେ ଉକ୍ୟା ଫଏଲି ଜଉଥିଲା)